# ଭିସୁଟ୍‌ରୁ ଇଲେକ୍ଟ୍ରିକ୍ ଯାନର ଭବିଷ୍ୟତକୁ ନୂଆ ଗତି

## ଛାତ୍ରଛାତ୍ରୀ ତିଆରି କରିବେ ୮ଟି ଫର୍ମୁଲା ଶୈଳୀର ବିଦ୍ୟୁତ୍ ଯାନ

ବୁର୍ଲା,୨୯।୯(ଆପ୍ର): ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତି କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ପ୍ରାୟୋଗିକ ଜ୍ଞାନ ଓ ଦକ୍ଷତା ପ୍ରଦାନ ଦିଗରେ ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ) ଆଉ ଏକ ପଦକ୍ଷେପ ନେଇଛି। ସେପ୍ଟେମ୍ବର ୨୬ରେ ବିଶ୍ୱବିଦ୍ୟାଳୟ ପରିସରରେ ଟିମ୍ ବୀର୍ସ ରେସିଂର ପରିଚୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ପ୍ରାୟ ୧,୨୦୦ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ କ୍ୟାପାବଲ୍ ଇଣ୍ଡିଆ ସହଯୋଗରେ 'ଇଭି ସକ୍ଷମ' ନାମକ ପାଞ୍ଚ ଦିନିଆ ପ୍ରାୟୋଗିକ ବିଦ୍ୟୁତ୍ ଯାନ କର୍ମଶାଳା ଆୟୋଜନ ସମ୍ପର୍କରେ ଘୋଷଣା କରାଯାଇଛି। ଓଡ଼ିଶାରେ ପ୍ରଥମଥର ପାଇଁ ଏହି କର୍ମଶାଳା ଭିସୁଟ୍‌ରେ ଆୟୋଜିତ ହେବ। ଓଡ଼ିଶାର ବିଭିନ୍ନ ସ୍ଥାନରୁ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ସେମାନଙ୍କୁ ଇଲେକ୍ଟ୍ରିକ୍ ଯାନ ପ୍ରଯୁକ୍ତି, ଯାନର ଗତିବିଜ୍ଞାନ, ଯାନ ଢାଞ୍ଚା, ଷ୍ଟିଅରିଂ, ବ୍ରେକିଂ ଓ ବିଦ୍ୟୁତ୍ ବ୍ୟବସ୍ଥା ସମ୍ପର୍କରେ ହାତକଲାରେ ପ୍ରଶିକ୍ଷଣ ଦିଆଯିବ। ଛାତ୍ରଛାତ୍ରୀ ନିଜେ ୮ଟି ଫର୍ମୁଲା ଶୈଳୀର ବିଦ୍ୟୁତ୍ ଯାନର ପରିକଳ୍ପନା, ଡିଜାଇନ୍ ଓ ନିର୍ମାଣ କରିବାର ସୁଯୋଗ ପାଇବେ। ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାୟୋଗିକ ଦକ୍ଷତା, ସୃଜନଶୀଳ ପ୍ରୟାସ ଓ ନୂତନ ପରିକଳ୍ପନାକୁ ଉତ୍ସାହିତ କରିବା ସହ ଭବିଷ୍ୟତର ଇଲେକ୍ଟ୍ରିକ୍ ଯାନ କ୍ଷେତ୍ର ପାଇଁ ଦକ୍ଷ ମାନବ ସମ୍ବଳ ଗଠନରେ ସହାୟକ ହେବ।

